## ଫଳ ଗୋଦାମରେ ଅଗ୍ନିକାଣ୍ଡ

କଳିଙ୍ଗନଗର,(ଡି.ଏନ୍.ଏ.): ବ୍ୟାସନଗର ନଟପଡାସ୍ଥିତ ନିତ୍ୟାନନ୍ଦ ନାୟକଙ୍କ ଫଳ ଗୋଦାମରେ କୌଣସି କାରଣରୁ ହଠାତ୍ ନିଆଁ ଲାଗିଯାଇଥିଲା। ଏହାସହ ନିଆଁ ଝୁଲ ନିକଟସ୍ଥ ରେଣୁବାଳା ମହାନ୍ତିଙ୍କ ଘର ପାହାଚରେ ଥିବା ନଡ଼ିଆକତାରେ ଲାଗିଯିବାରୁ ତାଙ୍କ ଘର ମଧ୍ୟ ଧୂଆଁମୟ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗୋଦାମ ଘରୁ ଧୂଆଁ ବାହାରୁଥିବା ଦେଖି ଯାଜପୁର ରୋଡ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଫଳରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ବିଶେଷ କିଛି କ୍ଷୟକ୍ଷତି ହୋଇ ନ ଥିବା ଯାଜପୁର ରୋଡ୍ ଫାୟାର ଅଫିସର ସୌରଭ ରାଉତ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

କେନ୍ଦ୍ରାପଡ଼ା

- ଶ୍ରୀବିଷ୍ଣୁ ମହାଯଜ୍ଞ, ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ପୂର୍ବାହ୍ନ ୭ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ପୂର୍ବାହ୍ନ ୧୦ଟା।
- ନୃତ୍ୟ ପ୍ରତିଯୋଗିତା, ଶିବାନନ୍ଦ ଶିକ୍ଷା ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ପୂର୍ବାହ୍ନ ୯ଟା।

## ଅଗ୍ନିକାଣ୍ଡ : ୪ ବଖରା ପୋଡ଼ିଗଲା



ଓଡ଼ଗାଁ, ୨୧।୨(ସ୍ୱ.ପ୍ର.): ନୟାଗଡ ଜିଲା ଓଡ଼ଗାଁ ତହସିଲ ଅନ୍ତର୍ଗତ ଗୌଡପୁଟ ପଞ୍ଚାୟତ ଚମ୍ପାପାଣ୍ଡେରୀ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୪ ବଖରା ରବିବାର ପୋଡିଯାଇଛି। ଜଗନ୍ନାଥ ପାତ୍ର, ବଳରାମ ପାତ୍ର, ସୁଦାମ ପାତ୍ର ଓ ସୁରେନ୍ଦ୍ର ପାତ୍ରଙ୍କ ଗୋଟିଏ ଲେଖା ଚାଳଘର ପୋଡିଯାଇଛି। ଘରେ ଥିବା ସମସ୍ତ ଧାନ, ଚାଉଳ, ଲୁଗାପଟା ଓ ଆସବାବପତ୍ର ପୋଡି ଯାଇଛି। ଅପରାହ୍ନ ପ୍ରାୟ ୩ଟାରେ ରୋଷେଇ ଘରୁ ନିଆଁ ଝୁଲ ଉଠି ଚାଳରେ ଲାଗି ଯିବାରୁ ଏହା ବ୍ୟାପୀ ଯାଇଥିବା ଲୋକେ ଅନୁମାନ କରୁଛନ୍ତି। ଓଡ଼ଗାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅନ୍ୟପକ୍ଷେ ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ସହ ଆବାସ ଯୋଜନାରେ ସାମିଲ କରିବାକୁ ସାଧାରଣରେ ଦାବି ହେଉଛି।

## ଓଡ଼ଗାଁ ଶାମୁକା ପୀଠରେ ଗାୟତ୍ରୀ ମହାଯଜ୍ଞ

ଓଡ଼ଗାଁ, ୨୧।୨(ସ୍ୱ.ପ୍ର.): ନୟାଗଡ ଜିଲା ଓଡ଼ଗାଁ ବନାଞ୍ଚଳ ଭାଲୁମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଅତ୍ରିମୁନୀ ସେବାଶ୍ରମ ଶାମୁକା ପୀଠରେ ୩ ଦିନ ବ୍ୟାପୀ ୫ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ମହାଯଜ୍ଞରେ ବିଜେ ଶ୍ରୀରଘୁନାଥ ପୀଠରୁ ଶୁକ୍ରବାର ଶତାଧିକ ମହିଳା ଆମ୍ବାମାଳ ସହ ଦୀର୍ଘ ୬ କିମି କଳସ ଯାତ୍ରାରେ ସାମିଲ ହୋଇ ଶାମୁକା ପୀଠ ପର୍ଯ୍ୟନ୍ତ ଯାଇଥିଲେ। ୩ଦିନ ବ୍ୟାପୀ ଓଡ଼ଗାଁ ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ଯଜ୍ଞରେ ସବୁଦିନ ଶତାଧିକ ମହିଳାପୁରୁଷ ଆହୁତି ପ୍ରଦାନ କରିଥିଲେ। ଶନିବାର ଓ ରବିବାର ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଥିବା ବେଳେ ସମସ୍ତଙ୍କ ନିମନ୍ତେ ମୁଣ୍ଡିଆ ଉପରେ ରହିଥିବା ଶାମୁକା ସଦୃଶ ପଥର ଖୋଲରୁ ଜଳ ଯୋଗାଣ ହିଁ ସମସ୍ତଙ୍କୁ ଆଚମ୍ଭିତ କରିଥିଲା। ସ୍ୱଚ୍ଛ ଜଳ ନିର୍ଗତ ହେଉଥିବାରୁ ପଥର ଖୋଲରୁ ଜଳସ୍ତର ଯେମିତି ସେମିତି ରହୁଥିଲା। ବିକାଶ ପରିଷଦ ସଭାପତି ସୁଶାନ୍ତ କୁମାର ସାହୁ, ପ୍ରକାଶ କୁମାର ଦାସଙ୍କ ସହ ମଠ ଖଜୁରିଆ ଓ କୁମ୍ଭିଆପଲ୍ଲୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଯଜ୍ଞ କାର୍ଯ୍ୟ ପରିଚାଳିତ ହୋଇଥିଲା। ଅନ୍ୟପକ୍ଷେ ସ୍ଥାନୀୟ ଏନ୍‌ଏସି ପକ୍ଷରୁ କୁମ୍ଭିଆପଲ୍ଲୀଠାରୁ ମାତ୍ର ୨ କିମି ରାସ୍ତା ଶାମୁକା ପୀଠକୁ ସଂଯୋଗୀକରଣ କରାଗଲେ ଏହି ଐତିହାସିକ ପୀଠ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ଭଡ଼ାଟିଆଙ୍କ ସୂଚନା ରଖୁନାହାନ୍ତି ଘର ମାଲିକ

କେନ୍ଦ୍ରାପଡ଼ା ଅଫିସ, ୨୧।୨

**ଅପରାଧପ୍ରବଣ ହେଉଛି ସହର, ଉପାନ୍ତ ଅଞ୍ଚଳ**

- ସରକାରୀ ଜମି ହେଉଛି ଜବରଦଖଲ
- ବଢୁଛି ବାଳ ଅପରାଧୀଙ୍କ ସଂଖ୍ୟା

କେନ୍ଦ୍ରାପଡ଼ା ଜିଲା ଦୀର୍ଘ ଦୁଇ ଦଶନ୍ଧି ଧରି ଅପରାଧପ୍ରବଣ ହେବାରେ ଲାଗିଛି। ଏହା ମଧ୍ୟରେ ଜିଲାକୁ ବାଂଲାଦେଶୀ ଅନୁପ୍ରବେଶ ଉତ୍କଟ ରୂପ ଧାରଣ କରିଛି। ସହର ଓ ଉପାନ୍ତ ଅଞ୍ଚଳ ଅପରାଧୀଙ୍କ ଚରାଭୂଇଁ ପାଲଟି ଯାଇଛି। କ୍ରମାଗତ ଭାବେ ବାଳ ଅପରାଧୀଙ୍କ ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ସେହିପରି ସରକାରୀ ଜମି ଜବରଦଖଲ, ଲୁଟ୍, ଛିନତାଇ, ଚୋରି ଘଟଣା ସ୍ଥାନୀୟ ଜିଲାବାସୀଙ୍କୁ ଅତିଷ୍ଠ କରାଉଛି। କ୍ରୀଡ଼ା ଛାତ୍ରୀ କସ୍ତୁରୀ ସାମନ୍ତରାୟଠାରୁ ଆରମ୍ଭ କରି ସୂଚନା ଅଧିକାର କର୍ମୀ ରଞ୍ଜନ ଦାସଙ୍କ ଅସ୍ୱାଭାବିକ ମୃତ୍ୟୁ ରହସ୍ୟ ହୋଇରହିଛି। ଆଳି ଏଟିଏମ୍ ଲୁଟ ଘଟଣା, ସହରର ମହିପାଳଠାରେ ଲକ୍ଷେ ଟଙ୍କା ଛଡେଇ ନେବା ଘଟଣାକୁ ଜିଲା ପୋଲିସ ସହଜରେ ହଜମ କରିଦେଇଛି। ଘର ଭଡାଟିଆଙ୍କ ସମ୍ପର୍କରେ ମାଲିକ ନିକଟସ୍ଥ ଥାନାରେ ସୂଚନା ଦେବାକୁ ୨୦୧୬ରେ ସଚେତନତା କରାଯାଇଥିଲା। ହେଲେ ଏ ନେଇ ଗୋଟାଏ ମଧ୍ୟ ସଫଳତା ମିଳିନି।

ସହରର ମଧ୍ୟଖଣ୍ଡିସ୍ଥ ରବୀନ୍ଦ୍ର କୁମାର ଦାଶ କହିଛନ୍ତି, ପୂର୍ବରୁ ଏହି ସମସ୍ୟା ଅଧିକ ଜଣାପଡୁ ନ ଥିଲା। ୩ ବର୍ଷର ତଥ୍ୟକୁ ଅନୁଶୀଳନ କଲେ ଲୁଟ୍, ବଳାତ୍କାର, ଛିନତାଇଠାରୁ ଆରମ୍ଭ କରି ହତ୍ୟା ଘଟଣା ବୃଦ୍ଧି ପାଉଛି। ଯାହାକି ଜିଲା ପୋଲିସର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କର୍ମନିଯୁକ୍ତି ଆଳରେ ମାନବ ଚାଲାଣ ବୃଦ୍ଧି ପାଇଛି। ନାବାଳିକା, ମହିଳାଙ୍କୁ ଜିଲା ଓ ବାହାରର ଲୋକ ନେଇଯାଉଥିବା ଥାନାରେ ମାମଲା ହେଉଛି। ଥାନାରେ ଏହା ଏକ ପ୍ରେମ ବ୍ୟାପାର କହି ମିସିଂ କେସ ପଞ୍ଜୀକୃତ କରାଯାଉଛି। ପରବର୍ତ୍ତୀ ସମୟରେ ସେହି ନାବାଳିକା, ଯୁବତୀ ଓ ମହିଳାଙ୍କ ପରିବାର ସଦସ୍ୟଙ୍କ ତତ୍ପରତା ଯୋଗୁ ଦେଶବିଦେଶରୁ ଉଦ୍ଧାର ହେଉଛନ୍ତି। ପରେ ସେମାନଙ୍କ ନିର୍ଯାତନାର କାହାଣୀ ଗଣମାଧ୍ୟମରେ ପ୍ରକାଶ ପାଉଛି। ବୁଦ୍ଧିଜୀବୀ ଜଗଦୀଶ ପତି କହିଛନ୍ତି, ବୁଲା ବେପାରୀ ଓ କେତେଜଣ ଅଜ୍ଞାତ ବ୍ୟକ୍ତି ଜିଲାର ବିଭିନ୍ନ ସରକାରୀ ସ୍ଥାନରେ ଅସ୍ଥାୟୀ ଘର କରି ରହୁଥିଲେ ମଧ୍ୟ ପ୍ରଶାସନ ଏଥିରେ ନୀରବ ରହୁଛି। ସହରର ଅତି ନିକଟରେ ଥିବା ତନାର ଗାଁରେ ୫ ବର୍ଷ ମଧ୍ୟରେ ଅହେତୁକ ଜନସଂଖ୍ୟା ବଢ଼ିଛି। ପ୍ରାୟ ୨୫ ପ୍ରତିଶତ ଲୋକଙ୍କ ପରିଚୟ ଏବେ ବି ଅଜଣା ରହିଛି। ଏମାନେ କିଏ ଓ କେଉଁଠାରୁ ଆସିଛନ୍ତି, କ'ଣ କରୁଛନ୍ତି ଆଦି ପ୍ରଶ୍ନର ଉତ୍ତର ଗ୍ରାମବାସୀ ମଧ୍ୟ ଜାଣିବାକୁ ପାଉନାହାନ୍ତି। ଏଥିପାଇଁ ଗ୍ରାମବାସୀ ଜିଲା ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି। ପ୍ଲାଷ୍ଟିକ୍ ଖେଳଣା, ବେଡ୍‌ସିଟ୍, ମହୁ, ଚାବି ଆଦି ବୁଲି ବିକ୍ରି କରୁଥିବା ଲୋକଙ୍କ ଆଶାନୁରୂପକ ଉପାର୍ଜନ ନ ଥିଲେ ମଧ୍ୟ ଉନ୍ନତ ଧରଣର ଚଳଣିରେ ଅଛନ୍ତି। ବାହାର ଜିଲାରୁ ଆସି ଏଠାରେ ଘରଭଡାରେ ରହିଥିବା ଲୋକ ହତ୍ୟା ପରି ଅପରାଧ କରି ଫେରାର ହୋଇଯାଉଛନ୍ତି। ଏପରି କ୍ଷେତ୍ରରେ ଘରଭଡା ନେଉଥିବା ଜିଲା ବାହାରର ଲୋକଙ୍କ ପରିଚୟପତ୍ର ଥାନାରେ ରଖିବା ଜରୁରୀ ବୋଲି ସେ ମତ ଦେଇଛନ୍ତି। ସୂଚନା ଅଧିକାର କର୍ମୀ ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, ଖୋଲାମେଲା ସମୁଦ୍ରତଟ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଜିଲାର ୩ ସାମୁଦ୍ରିକ ଥାନାର ଭିତ୍ତିଭୂମି ଅଭାବର ସୁଯୋଗ ନେଇ ସେମାନେ ଉପାନ୍ତ ଅଞ୍ଚଳକୁ କବଳିତ କରିଛନ୍ତି। ରୋଜଗାରର ପନ୍ଥା ଭାବେ ବେଆଇନ ଚିଙ୍ଗୁଡି ଚାଷ, ବନ୍ୟଜନ୍ତୁ ଶିକାର, ବନ୍ୟ ସମ୍ପଦ ଲୁଟ୍ ଆଦିରେ ସମ୍ପୃକ୍ତ ରହୁଛନ୍ତି। ଏହା ବାଳ ଅପରାଧୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡାଙ୍କୁ ପଚାରିବାରେ ନିକଟରେ ଜିଲା ପୋଲିସ ପକ୍ଷରୁ ମହାକାଳପଡ଼ା ବ୍ଲକ ବତିଘରଠାରେ ଅନୁପ୍ରବେଶକୁ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଛି। ବାହାର ବ୍ୟକ୍ତିଙ୍କ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ହୋଇପାରିଲେ ଜିଲାରେ ଆପରାଧିକ ମାମଲାର ସଂଖ୍ୟା କମିବ ବୋଲି ସେ କହିଛନ୍ତି।

## କ୍ରିକେଟ୍, ବାଇଗୁଣିଆ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଖଣ୍ଡପଡା,୨୧।୨(ସ୍ୱ.ପ୍ର.)

ବାହାଡାଗୁଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାଇଗୁଣିଆ କ୍ରିକେଟ କ୍ଲବ ନୟାଗଡ କ୍ରିକେଟ ଟିମକୁ ୬୨ ରନରେ ହରାଇ ଚାମ୍ପିୟନ ହୋଇଛି। ବାଇଗୁଣିଆ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୧ ରନ କରିଥିଲା। ଜବାବରେ ନୟାଗଡ ଦଳ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୧୯ ରନ କରି ପରାଜିତ ହୋଇଥିଲା। ମ୍ୟାଚକୁ ଅଜୟ କୁମାର ନାୟକ ଓ ସନ୍ତୋଷ କୁମାର ଖଟୁଆ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗଦାଧର ତ୍ରିପାଠୀ, ତ୍ରିନାଥ ବେହେରା, ଶ୍ରୀନିବାସ ଦଳେଇ, ସୁବାସ ଚନ୍ଦ୍ର ସୁବୁଦ୍ଧି ଯୋଗଦେଇଥିଲେ। ମୁଖ୍ୟଅତି ସିଂ ବିଜୟୀ ଚାମ୍ପିୟନ ଓ ରନର୍ସ ଅପ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

# ଗଳ୍ପବିହୀନ ସମାଜର ପରିକଳ୍ପନା ଅସମ୍ଭବ




କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କେନ୍ଦ୍ରାପଡ଼ା ଅଫିସ, ୨୧।୨

ଗପ ଅର୍ଥ ମନଗଢ଼ା କଥା। ପ୍ରତି ମୁହୂର୍ତ୍ତରେ ପ୍ରତ୍ୟେକ ମଣିଷ ପାଇଁ ଆବଶ୍ୟକ ପଡ଼େ। ଅଫିସରେ ଡେରିରେ ପହଞ୍ଚିବା ହେଉ ଅଥବା ଜଣେ କଷ୍ଟରେ ଥିବା ଲୋକର କଥା ହିଁ ଏକ ଗପ। ଏହାକୁ ଧରି ରଖି ଚରିତ୍ରରେ ଉତାରିବା ଏକ କଳା। ଏହି କଳା ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରୁଥିବା ବେଳେ ସାମ୍ପ୍ରତିକ ସମୟର ଝଲକ ଦେଇଥାଏ। ଗଳ୍ପବିହୀନ ସମାଜର ପରିକଳ୍ପନା ଏକପ୍ରକାର ଅସମ୍ଭବ ବୋଲି କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେଶନ ଓ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ସହରର ଗରାପୁରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡେଭଲପମେଣ୍ଟ ଫାଉଣ୍ଡେଶନ ମ୍ୟାନେଜିଂ ଟ୍ରଷ୍ଟି ଚୌଧୁରୀ ଅମିତାଭ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ କଥାକାର ଡ. ରାମଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ କଥାକାର ଗୌରହରି ଦାସ ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସାହିତ୍ୟର ସମାଜ ପାଇଁ ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ପ୍ରଶାନ୍ତ ନାୟକଙ୍କ ପୁସ୍ତକ 'ନାରୀ ତୁମେ ଅନନ୍ୟା'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏହାକୁ ଇଭେଣ୍ଟ ମ୍ୟାନେଜର୍ସର ସଭାପତି ଅକ୍ଷୟ କୁମାର ପାଣି ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ସୀମାବଦ୍ଧତାରୁ ମୁକ୍ତି ଓ ଉତ୍ତର ଆଧୁନିକ ଓଡ଼ିଆ କବିତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡ. ଯତୀନ୍ଦ୍ର ରାଉତଙ୍କ ସଂଯୋଜନାରେ ବିମଳ ଜେନା, ଶ୍ରୀଦେବ, ନିରାକାର ଦାସ, ସୀତାଂଶୁ ଲେଙ୍କା ଓ ପ୍ରସନ୍ନ ସ୍ୱାଇଁ ଆଲୋଚକ ଥିଲେ। ସେହିପରି ବିଶ୍ୱାୟନରେ ଛାପ ଓ ଏକବିଂଶ ଶତାବ୍ଦୀର ଓଡ଼ିଆ ଗପ ଶୀର୍ଷକ ଆଲୋଚନାଚକ୍ରର ସଂଯୋଜନା ମାତୃଦତ୍ତ ମହାନ୍ତି କରିଥିଲେ। ଏଥିରେ ବକ୍ତା ଭାବେ ଜୟନ୍ତୀ ରଥ, ସହଦେବ ସାହୁ, ରବି ପଣ୍ଡା, ଜ୍ଞାନ ରଞ୍ଜନ ନାୟକ ଓ ସରୋଜ କୁମାର ମହାନ୍ତି ଯୋଗ ଦେଇଥିଲେ। ଅପରାହ୍ନରେ ହେମନ୍ତ କୁମାର ଜେନା ଓ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ହୋଇଥିବା କବିତା ଆସରରେ ବହୁ କବି ଯୋଗ ଦେଇଥିଲେ।

## କୋରେଇ ବ୍ଲକ କଂଗ୍ରେସ କମିଟି ସମ୍ପ୍ରସାରିତ

କଳିଙ୍ଗନଗର,୨୧।୨(ଡି.ଏନ.ଏ.)

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ କୋରେଇ ବ୍ଲକ କଂଗ୍ରେସ କମିଟିକୁ ସମ୍ପ୍ରସାରିତ କରିଛନ୍ତି। ଏହି କମିଟିରେ ଜଣେ ସଭାପତି, ୩ ଉପସଭାପତି,୫ ସାଧାରଣ ସମ୍ପାଦକ, ୭ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ସେମାନେ ହେଲେ ସଭାପତି ଅକ୍ଷୟ କୁମାର ଜେନା, ଉପସଭାପତି ନିରଞ୍ଜନ ନାୟକ, ନୀଳମଣି ଜେନା, ମାର୍କଣ୍ଡ ମିଶ୍ର, ସାଧାରଣ ସମ୍ପାଦକ କୁମାର ଗୌରବ, ଶ୍ୟାମସୁନ୍ଦର ଯେନା, ମହମ୍ମଦ ମୁକସଦ ହୁସେନ, ଶଶିକାନ୍ତ ମାଝୀ, ପ୍ରସନ୍ନ ସ୍ୱାଇଁ, ସମ୍ପାଦକ ପଙ୍କଜ ମଲ୍ଲିକ, ବଳରାମ ମଲ୍ଲିକ, କୀର୍ତ୍ତନ ରାଉତ, ଏସ୍.କେ. ଆଥାରୁଦ୍ଦିନ ମହମ୍ମଦ, ମୁସ୍ତାକ ଅଲୀ ଖାନ, ଅଶୋକ କୁମାର ଦାସ, ମକର ମାଝୀ ଏବଂ କୋଷାଧ୍ୟକ୍ଷ ଆଇନଜୀବୀ ଲକ୍ଷ୍ମୀନାରାୟଣ ବାରିକ। ନବନିଯୁକ୍ତ କର୍ମକର୍ତ୍ତା ତୃଣମୂଳ ସ୍ତରରୁ କଂଗ୍ରେସକୁ ମଜଭୁତ କରିବା ପାଇଁ ସଙ୍କଳ୍ପ ନେଇଛନ୍ତି। ଆସନ୍ତା ୨୭ ତାରିଖରେ ବରୁଣ୍ଡାଇ ବଜାର କଲ୍ୟାଣ ମଣ୍ଡପରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଏଥିର ୨୮ ପଞ୍ଚାୟତର ସଭାପତି, କର୍ମକର୍ତ୍ତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ଶ୍ରମିକ କଂଗ୍ରେସ, କୃଷକ କଂଗ୍ରେସ, ସେବା ଦଳ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିବେ। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେବେ ବୋଲି ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଆରମ୍ଭ ହେଉନି ୨ ରେଲୱେ ଓଭରବ୍ରିଜ୍ କାମ

ଜଗତ୍‌ସିଂହପୁର ଅଫିସ୍, ୨୧।୨

- ବର୍ଷେ ପୂର୍ବରୁ ରୂପରେଖ ପ୍ରସ୍ତୁତ ହୋଇଛି
- ଛପଡ଼ା ଅଟକଳ ଚୂଡ଼ାନ୍ତ ହୋଇନି
- କନ୍ଦରପୁର ଡିପିଆର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି

୫୫ ନମ୍ବର ଜାତୀୟ ରାଜପଥର କନ୍ଦରପୁର ଓ ପୂର୍ତ୍ତ ବିଭାଗର ଛପଡ଼ାଠାରେ ରାସ୍ତା ଉପରେ ରେଳ ବିଭାଗ ପକ୍ଷରୁ ୨ଟି ଓଭରବ୍ରିଜ୍ ନିର୍ମାଣ କରାଯିବା ପାଇଁ ବର୍ଷେ ପୂର୍ବରୁ ରୂପରେଖ ପ୍ରସ୍ତୁତ କରାଯାଇଥିଲା କିନ୍ତୁ କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଛପଡ଼ାଠାରେ ହେବାକୁ ଥିବା ଓଭରବ୍ରିଜ୍ ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ରେଳ ବିଭାଗ କର୍ତ୍ତୃପକ୍ଷଙ୍କୁ ପଠାଯାଇଥିବା ସ୍କେଚ୍ ଅନୁମୋଦନ ଲାଭ କରିଛି। କିନ୍ତୁ ଅଟକଳ ଚୂଡ଼ାନ୍ତ ହୋଇପାରିନାହିଁ। ୫।୨।୨୦୨୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜାତୀୟ ରାଜପଥ (ଏନ୍‌ଏଚ୍)-୫୫ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବିଶେଷକରି ଟେଣ୍ଡର ଖୁବଶୀଘ୍ର ହେବାର ସମ୍ଭାବନା ଥିବା ସ୍ପଷ୍ଟ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଟେଣ୍ଡର ହୋଇପାରି ନାହିଁ। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନିମାଇଁ ଚରଣ ଦାସ କହିଛନ୍ତି, ରେଳ ବିଭାଗ ଓଭରବ୍ରିଜ୍ ସମ୍ପର୍କିତ ସ୍କେଚ୍ ଅନୁମୋଦନ ହେବା ପରେ ଅଟକଳ କରାଯାଇ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। ଏହା ଯାଞ୍ଚ ଚାଲିଛି। ଚୂଡ଼ାନ୍ତ ହେବା ପରେ ରେଳ ବିଭାଗକୁ ପଠାଯିବ। ରେଳ ବିଭାଗ ଅନୁମୋଦନ କଲାପରେ କାମ ଆରମ୍ଭ ହେବ ବୋଲି ନିର୍ବାହୀ ଯନ୍ତ୍ରୀ ଦାସ କହିଛନ୍ତି। ସେହିପରି କନ୍ଦରପୁରରେ ମଧ୍ୟ ରେଲୱେ ଓଭରବିଜ୍ର କାମ ବିଳମ୍ବ ହେଉଛି। ଜାତୀୟ ରାଜପଥ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏନେଇ ଡିପିଆର୍ (ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ରେଲୱେ ଓଭର ବ୍ରିଜ୍ ରହିଛି। ଡିପିଆର୍ ଦାଖଲ ପରେ ଏହା ଅନୁମୋଦନ ଲାଭ କରିବ ଓ ଅନୁଦାନ ଆସିବ। ତା'ପରେ ଜାତୀୟ ରାଜପଥ କାମ ଆରମ୍ଭ ହେବ।

# ବନ୍ୟା ଭୟ ଦୂର ପାଇଁ ପଦକ୍ଷେପ

ରସୁଲପୁର,୨୧।୨(ଡି.ଏନ୍.ଏ.)

**ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ୫ ପଞ୍ଚାୟତବାସୀ**

ରସୁଲପୁର ବ୍ଲକର ବ୍ରହ୍ମବରଦା, ମହେଶ୍ୱରପୁର, ବନ୍ଧଡିହ ଓ ବରୀ ବ୍ଲକର ଗୋଳକୁଣ୍ଡ ଓ ରୁଦ୍ରପୁର ଆଦି ୫ ପଞ୍ଚାୟତର ପ୍ରାୟ ୫୦ହଜାର ଜନସାଧାରଣଙ୍କ ମନରୁ ବନ୍ୟା ଭୟ ଦୂର ହେବାକୁ ପଦକ୍ଷେପ ନିଆଯାଇଛି। ୨୦୨୦ ଅଗଷ୍ଟରେ ବ୍ରାହ୍ମଣୀ ନଦୀରେ ବନ୍ୟା ଯୋଗୁ ଏହି ନଦୀବନ୍ଧର ଆଜାଦନଗର ଓ ବନ୍ଧଡିହଠାରେ ଘାଇ ସୃଷ୍ଟି ହୋଇଥିଲା। ଫଳରେ ବହୁ ହେକ୍ଟର ଜମିର ଫସଲ ନଷ୍ଟ ହୋଇଯାଇଥିଲା। ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ୫.୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ନାବାର୍ଡ ସହାୟତାରେ ନଦୀବନ୍ଧର ବ୍ରହ୍ମବରଦା ପୋଲ ମୁଣ୍ଡରୁ ରୁଦ୍ରପୁର ପୋଲ ମୁଣ୍ଡ ଯାଏ ଦକ୍ଷିଣପାର୍ଶ୍ୱର ୭ କି.ମି. ରାସ୍ତାକୁ ସୁଦୃଢ଼ୀକରଣ ପାଇଁ ରବିବାର ବରୀ ବିଧାୟିକା ସୁନନ୍ଦା ଦାସଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ବରୀ ବିଜେଡି ସଂଗଠକ ଦେବେନ୍ଦ୍ର ଦାସ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ସରପଞ୍ଚ ଅମୂଲ୍ୟ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ବ୍ୟାଟେରି ଚାଳିତ ଅଟୋରେ ବୁହାଯିବ ଆବର୍ଜନା

ନୟାଗଡ଼ ଅଫିସ,୨୧।୨

**ନିୟୋଜିତ ହେବେ କିନ୍ନର**

ନୟାଗଡ଼ ମ୍ୟୁନିସିପାଲିଟିରେ କିନ୍ନରମାନେ ବ୍ୟାଟେରି ଚାଳିତ ଅଟୋକୁ ଚଲାଇ ଆବର୍ଜନା ବୋହିବେ। ଏଥିପାଇଁ ଆଲୋଚନା ଜାରି ରହିଛି। କିନ୍ନରମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଜିଲା ପ୍ରଶାସନ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ନେଉଛି। ଏ ନେଇ ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ ଜେନା କୁହନ୍ତି, କିନ୍ନରଙ୍କୁ ବ୍ୟାଟେରି ଚାଳିତ ଯାନ ଚଳାଇବା ସମ୍ପର୍କରେ ଆଲୋଚନା ଜାରି ରହିଛି।

# କେରୁଆଁପାଳ, ମହିଷାସୁର ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ



କେରୁଆଁପାଳ ପଞ୍ଚାୟତ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

ରାଜନଗର, ୨୧।୨(ଡି.ଏନ.ଏ.): ରାଜନଗର ବ୍ଲକ କେରୁଆଁପାଳ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବା ସହ ପଞ୍ଚାୟତର ଅନନ୍ତକେଶରୀ ଗାଁରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି।ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସରପଞ୍ଚ ସପନ ପରିଡା ପଞ୍ଚାୟତର ମାନ୍ୟତା ପାଇବା ପରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ବିବରଣୀ ରଖିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ପଞ୍ଚାୟତର ସମିତିସଭ୍ୟ ମାଧବୀ ପ୍ରଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବାହାଦୁର ଟୁଡୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ସେହିପରି ବ୍ଲକରେ ମହିଷାସୁର ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଯୋଗଦେଇଥିଲେ। ସେ ନୂତନ କାର୍ଯ୍ୟାଳୟ ଓ ଖେଳପଡିଆ, ପାଠାଗାର, କୃଷକ ପରାମର୍ଶ କେନ୍ଦ୍ର, ଉଦ୍ୟାନ ବିଭାଗ ବ୍ଲକ କାର୍ଯ୍ୟାଳୟ, ମହିଁଷାସୁରଠାରୁ ବାଘୁଆ କହୁଆ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ, ଯାତ୍ରୀ ବିଶ୍ରାମଗାର କହୁଆ, ଅଙ୍ଗନୱାଡି କେନ୍ଦ୍ର ଓ ଏଏନ୍‌ଏମ୍ ସେଣ୍ଟର ସହ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ସରପଞ୍ଚ ପ୍ରତୀମା ମହାନ୍ତି ସଭାପତିତ୍ୱ କରିଥିଲେ। ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ ସଭା ପରିଚାଳନା କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ।

# ୩ ଦିନ ହେଲା ଜଳ ଯୋଗାଣ ବନ୍ଦ

ଖଣ୍ଡପଡ଼ା,୨୧।୨(ସ୍ୱ.ପ୍ର)

**କଣ୍ଟିଲୋ: ୧୧ ଲକ୍ଷ ବିଦ୍ୟୁତ୍ ବିଲ୍ ବାକି, ଲାଇନ କାଟ୍**

ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ବ୍ୟବହାର ହେଉଥିବା ବିଦ୍ୟୁତ୍ ବିଲ୍ ବାବଦରେ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୈଠ ହୋଇ ନ ଥିବାରୁ ଲାଇନ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଫଳରେ ୩ଦିନ ହେଲା କଣ୍ଟିଲୋ ଅଞ୍ଚଳବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅପରପକ୍ଷରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀନରେ ଥିବା କଣ୍ଟିଲୋ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଦୀର୍ଘବର୍ଷ ହେବ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ବିନା ଶୁଳ୍କରେ ପାନୀୟ ଜଳ ଯୋଗାଇ ଆସୁଅଛି। ଏବେ ଉପଭୋକ୍ତାମାନେ ପାନୀୟ ଜଳ ଯୋଗାଣ ସେବା ପାଇବାକୁ ହେଲେ ଶୁଳ୍କ ନ ଦେଲେ ଏହା ଚାଲିବ ଅସମ୍ଭବ ହୋଇ ପଡିବ ବୋଲି ନୟାଗଡ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ପଞ୍ଚାୟତବାସୀଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ୧୯୬୪ରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା ହୋଇଥିଲା। ମହାନଦୀ ଜଳକୁ ମୋଟର ଯୋଗେ କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପାହାଡ ଉପରେ ନିର୍ମାଣ ହୋଇଥିବା ଟାଙ୍କିକୁ ଉଠାଯାଏ। ଜଳକୁ ବ୍ଲିଚିଂ ଓ ଆଲମ୍ ଦ୍ୱାରା ବିଶୋଧନ କରାଯାଇ ଜନସାଧାରଣଙ୍କୁ ଯୋଗାଇ ଦିଆଯାଏ। ୧୨ଶହରୁ ଊର୍ଦ୍ଧ୍ୱ ସ୍ୱୀକୃତି ଓ ଅଣସ୍ୱୀକୃତି ପ୍ରାପ୍ତ ଉପଭୋକ୍ତା ଘରକୁ ଜଳ ସଂଯୋଗ ନେଇ ମୋଟର ପମ୍ପ ସାହାଯ୍ୟରେ ଆବଶ୍ୟକତାଠାରୁ ଅଧିକ ଜଳ ନେଉଛନ୍ତି। ଏହା ପରିବର୍ତ୍ତେ ସେମାନେ ଟଙ୍କାଟିଏ ସମ୍ପୃକ୍ତ ବିଭାଗକୁ ଦେଉନାହାନ୍ତି। ଏଠାରେ କାର୍ଯ୍ୟରତ ୬ କର୍ମଚାରୀଙ୍କୁ ପ୍ରତି ମାସରେ ୬୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଦରମା ନେଉଛନ୍ତି। ଏହାଛଡା ମୋଟର ବେରିଂ, ବ୍ଲିଚିଂ, ଆଲମ୍, ଗ୍ରୀସ ଓ ଅନ୍ୟ ଖର୍ଚ୍ଚ ବାବଦ ବିଭାଗ ପ୍ରତି ମାସରେ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରୁଛି। ବିଶେଷକରି ପ୍ରତି ମାସରେ ଏହି ପ୍ରକଳ୍ପର ବିଦ୍ୟୁତ୍ ଦେୟ ବାବଦ ୮୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦିଆଯାଉଛି। ଅପରପକ୍ଷରେ ପ୍ରତିବର୍ଷ ଏହି ପ୍ରକଳ୍ପର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଟଙ୍କା ଖର୍ଚ୍ଚ ହେଉଛି। କେତେବେଳେ ଯାନ୍ତ୍ରିକ ତ୍ରୁଟି ଘଟି ଜଳ ଯୋଗାଣ ବନ୍ଦ ହେଲେ ଉପଭୋକ୍ତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। କଣ୍ଟିଲୋ ମହାନଦୀ କୂଳ, ଶ୍ରୀନୀଳମାଧବ ମନ୍ଦିର ପଶ୍ଚିମପାର୍ଶ୍ୱରେ ଥିବା ଜଳ ଯୋଗାଣ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ଉପଭୋକ୍ତା ନଂ. ୧ରେ ଜାନୁୟାରୀ ସୁଦ୍ଧା ବିଦ୍ୟୁତ୍ ଦେୟ ୮ଲକ୍ଷ ୪୬,୧୩୨ ଟଙ୍କା, ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପାହାଡ ଉପରେ ଥିବା କଞ୍ଜୁମର ନଂ. ୧୪ରେ ୯୭, ୭୬୯ ଟଙ୍କା, କଞ୍ଜୁମର ନଂ. ୫୪୨ରେ ୩୧,୫୭୪ ଓ କଣ୍ଟେଶ୍ୱରପାଟଣା ନିକଟରେ ଥିବା କଞ୍ଜୁମର ନଂ. ୪୧୫ ପ୍ରକଳ୍ପରେ ୧ ଲକ୍ଷ ୫୦,୬୦୨ ଟଙ୍କା ଏପରି ସମୁଦାୟ କଣ୍ଟିଲୋ ପଞ୍ଚାୟତ ଦ୍ୱାରା ପରିଚାଳିତ ଜଳ ଯୋଗାଣ ପ୍ରକଳ୍ପ ପାଇଁ ବିଦ୍ୟୁତ୍ ଦେୟ ୧୧ ଲକ୍ଷ ୨୬, ୦୭୭ ଟଙ୍କା ପୈଠ କରିବାକୁ ଥିବା ସମ୍ପର୍କରେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଜାନୁୟାରୀରେ ବିଦ୍ୟୁତ୍ ଦେୟ ବାବଦକୁ ୪ଲକ୍ଷ ୫୦ ହଜାର ଟଙ୍କା ପୈଠ ହୋଇଛି। ବକେୟା ଦେୟର ଅନିୟମିତତା ଥିବାରୁ ସଂଶୋଧନ ସହ ସୋମବାର ୧ ଲକ୍ଷ ଟଙ୍କା ପୈଠ କରାଯିବ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ବେହେରା ସୂଚନା ଦେଇଛନ୍ତି। ଆଗାମୀଦିନରେ ଗ୍ରାମସଭା ଡକାଯାଇ ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।



ପାହାଡ ଉପରେ ଥିବା ପାନୀୟ ଜଳ ଟାଙ୍କି।

## ପିହୁଙ୍କ ବାପାଙ୍କୁ ମାରାଥନ ଜେରା

ସିଂହପୁର,(ଡି.ଏନ.ଏ.): ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମର ଦୁଇବର୍ଷର ଶିଶୁକନ୍ୟା ପିହୁ ନିଖୋଜ ହେବାର ୬ ମାସ ବିତିଯାଇଥିଲେ ମଧ୍ୟ ଏଯାଏ ଟେର୍ ମିଳିପାରିନାହିଁ। ପୋଲିସ ପିହୁଙ୍କ ବାପା ଲକ୍ଷ୍ମଣ ନାୟକଙ୍କୁ ଶନିବାର ରାତିରେ ଉଠାଇ ନେଇ ମାରାଥନ ଜେରା କରୁଛି। ପୋଲିସ ୪ ଦିନ ହେଲା ସ୍ଥାନୀୟ ପୋଖରୀ ସଫାକରି ପିହୁଙ୍କୁ ଖୋଜିଥିଲା। ପୂର୍ବରୁ ପୋଲିସ ଲକ୍ଷ୍ମଣଙ୍କୁ ଦୁଇଥର ପଚରାଉଚରା କରି ଛାଡ଼ିଥିଲା। ପିହୁ ନିଖୋଜ ହେବା ପୂର୍ବରୁ ସେ ମା' ମୋନାଲିସାଙ୍କ ସହ ଅଜା ଘରେ ରହୁଥିଲେ।

## ସଂକ୍ଷେପରେ

### ଅଣ୍ଡାଲୋ-ଫଳପୁର ଆରଡ଼ି ରାସ୍ତା ଶୋଚନୀୟ



ସିଂହପୁର, ୨୧।୨(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ହଳଦୀଡ଼ିହ ପଞ୍ଚାୟତର ଅଣ୍ଡାଲୋଠାରୁ ଫଳପୁର ଆରଡି ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଗତ ବନ୍ୟାରେ ନଷ୍ଟ ହୋଇଯାଇଥିଲା। ଅଧିକାଂଶ ସ୍ଥାନରେ ଗାଡ଼ ସୃଷ୍ଟି ହୋଇଛି। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଅହରହ ଲୋକଙ୍କ ଯାତାୟାତ ହୋଇଥାଏ। ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଯାତ୍ରୀମାନେ ପଡ଼ି ଆହତ ହେଉଛନ୍ତି। ଆରଡ଼ି ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

### ମାଗଣା ମୋତିଆବିନ୍ଦୁ ଚିହ୍ନଟ ଶିବିର

ରସୁଲପୁର,୨୧।୨(ଡି.ଏନ୍.ଏ.): ରସୁଲପୁର କଲଣସ୍ଥିତ ମଧୁପୁର କଲେଜରେ ବୟସ୍କ ଲୋକଙ୍କର ମାଗଣା ମୋତିଆବିନ୍ଦୁ ଚିହ୍ନଟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜର ୟୁଥ୍ ରେଡକ୍ରସ୍ ପକ୍ଷରୁ ଆୟୋଜିତ ଏହି ଶିବିରକୁ ଅଧକ୍ଷ କୁଶଧର ପଣ୍ଡା ଉଦ୍‌ଘାଟନ କରିଥିଲେ। ରେଡକ୍ରସ୍‌ର କାଉନ୍‌ସିଲର ଡ. ସତ୍ୟପ୍ରିୟ ସାହୁ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇଥିଲେ। ଅଧାପକ ତୁହିନାଂଶୁ ରଥ, ନବକିଶୋର ରଥ, ପଦ୍ମନାଭ ପଣ୍ଡା, ବିକାଶ ବେହେରା, ପ୍ରଦୀପ ଦାସ ପ୍ରମୁଖ ଶିବିର ପରିଚାଳନା କରିଥିବା ବେଳେ ଅଭିଜ୍ଞ ଚକ୍ଷୁ ଡାକ୍ତରମାନଙ୍କ ଦ୍ୱାରା ୫୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା।

### କୃତୀ ଶିକ୍ଷକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ରସୁଲପୁର,୨୧।୨(ଡି.ଏନ୍.ଏ.): ମଧୁବନ ହାଇସ୍କୁଲର ପୂର୍ବତନ ଶିକ୍ଷକ ମହନି ଚରଣ ବାରିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବା ଅବସରରେ ତାଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଓ ଏକ ସ୍ମରଣିକା ଶନିବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଥିଲା। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଏକତଳା ଗ୍ରାମରେ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ଏଥିରେ ମଧୁବନ ହାଇସ୍କୁଲର ଅନ୍ୟତମ ପ୍ରତିଷ୍ଠାତା ବେଣୁଧର ଦୋବାଇ, ପୂର୍ବତନ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର କର, ଯାଜପୁର ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

### 'ସୂର୍ଯ୍ୟାସ୍ତ'ର ସ୍ୱନକ୍ଷତ୍ର ସମାରୋହ

ଧର୍ମଶାଳା,୨୧।୨(ଡି.ଏନ.ଏ.): ଧର୍ମଶାଳା ଅଞ୍ଚଳରୁ ପ୍ରକାଶ ପାଉଥିବା ସାହିତ୍ୟଧର୍ମୀ 'ସୂର୍ଯ୍ୟାସ୍ତ' ପତ୍ରିକାର ପଞ୍ଚଦଶ ସ୍ୱନକ୍ଷତ୍ର ସାମାରୋହ ଜାରକାସ୍ଥିତ ସିଭିକ୍ ସେଣ୍ଟରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍‌ଘାଟନ କରି କହିଲେ, ଏହି ମାଟି ବହୁ ବରପୁତ୍ରଙ୍କୁ ଜନ୍ମ ଦେଇଥିବା ବେଳେ ସାହିତ୍ୟ କ୍ଷେତ୍ରରେ ସୁନାମ ଆଣିପାରିଛି। ସ୍ତମ୍ଭକାର ନବଘନ ଜେନା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏସ୍‌ୟୁଜେ ସଭାପତି ଅଜୟ ସାହୁ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ ସଦସ୍ୟ ଡ. ନୃସିଂହ ଷଡ଼ଙ୍ଗୀ ଓ ଅତିଥି ଭାବେ ପାରାଦୀପ ଇଫ୍‌କୋ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ବେହୁରା ଯୋଗଦେଇଥିଲେ। ଡ. ରବୀନ୍ଦ୍ର ବିହାରୀ, ଅଜୟ କୁମାର ପଣ୍ଡା, ବିଦ୍ୟୁତ୍‌ଲତା ଦାସ, ସରୋଜ କୁମାର ସାହୁ, ପ୍ରଶାନ୍ତ କୁମାର ପୁହାଣ, ସିଦ୍ଧାନ୍ତ ସ୍ୱୟଂଦୀପ ମହାନ୍ତିଙ୍କୁ ସୂର୍ଯ୍ୟାସ୍ତ ଗୌରବ ସମ୍ମାନ ଦିଆଯାଇଥିଲା। ସୁନୀଲ କୁମାର ଶତପଥୀ ଓ ସୁଶାନ୍ତ କୁମାର ଦାସଙ୍କୁ ଶ୍ରେଷ୍ଠ ଖବରଦାତା ସମ୍ମାନ ଓ ସୁଶ୍ରୀ ହିରଣ୍ୟମୟୀ ସାମଲଙ୍କୁ ବିକ୍ରମାଦିତ୍ୟ ଫାଉଣ୍ଡେଶନ ସମ୍ମାନ ଦିଆଯାଇଥିଲା। ପ୍ରାଧାପକ ସୁଶାନ୍ତ କୁମାର ପଣ୍ଡାଙ୍କ ଦିବ୍ୟ ସରଣୀ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା।

# ଉଦ୍‌ଘାଟନ ପୂର୍ବରୁ ଚାଲୁଛି ସର୍ବାଧିକ ମାଲ୍‌ବାହୀ ଟ୍ରେନ୍

**ହରିଦାସପୁର-ପାରାଦୀପ ରେଳପଥ**
- ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବି
- ପାରାଦୀପ ବନ୍ଦରକୁ ଯାତ୍ରା କମ୍ ସମୟ ଲାଗୁଛି

ଚଣ୍ଡିଖୋଲ,୨୧।୨(ଡି.ଏନ.ଏ.)

୮୨ କିଲୋମିଟର ଲମ୍ବ ବିଶିଷ୍ଟ ହରିଦାସପୁର-ପାରାଦୀପ ରେଳପଥ ଓଡ଼ିଶାର ପ୍ରଥମ ଫାଟକବିହୀନ ରେଳପଥ। ୨୦୨୦ ଜୁଲାଇ ୩୦ରେ ଏହି ରେଳ ପଥରେ ପ୍ରଥମ ରେଳ ଗଡ଼ିବ ବୋଲି ସିଦ୍ଧାନ୍ତ ହୋଇଥିଲା। ତେବେ କେତେକ କାରଣ ଯୋଗୁ ୧।୮।୨୦୨୦ରେ ପ୍ରଥମ ମାଲବାହୀ ଟ୍ରେନ୍ ଏହି ରେଳପଥରେ ଗଡ଼ିବା ଆରମ୍ଭ କଲା। କିନ୍ତୁ ଏପର୍ଯ୍ୟନ୍ତ ଏହି ରେଳପଥରେ ପାସେଞ୍ଜର ଟ୍ରେନ୍ ଚାଲି ନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୧-୨୨ ରେଳ ବଜେଟ୍‌ରେ ଶହେ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଟଙ୍କାରେ ବିଭିନ୍ନ ଷ୍ଟେଶନର ଉନ୍ନତୀକରଣ କରାଯିବ। ଷ୍ଟେଶନ ଉନ୍ନତୀକରଣ ପରେ ପ୍ରଧାନମନ୍ତ୍ରୀ ଏହି ରେଳପଥକୁ ଉଦ୍‌ଘାଟନ କରିବେ। ଏହାପରେ ପାସେଞ୍ଜର ଟ୍ରେନ୍ ଚାଲିବ। ତେବେ ଆଶ୍ଚର୍ଯ୍ୟର କଥା ମାତ୍ର ୬ମାସ ମଧ୍ୟରେ ଏହି ରେଳପଥ ଏକ ବ୍ୟସ୍ତ ବହୁଳ ରେଳପଥ ପାଲଟିଛି। ଦୈନିକ ୩୦ରୁ ଉର୍ଦ୍ଧ୍ୱ ମାଲବାହୀ ଟ୍ରେନ୍ ଏହି ପଥରେ ଅତିକ୍ରମ କରୁଛି।

ଏହି ରେଳପଥ ପାଇଁ ୧୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏଥିରେ ରେଳପଥ ସମେତ ୧୭୭ ଛୋଟ ପୋଲ, ୨୯ ବଡ଼ ପୋଲ, ୨ ବୃହତ୍ ସେତୁ ଓ ୬୮ ଅଣ୍ଡର ବ୍ରିଜ୍ ତିଆରି କରାଯାଇଛି। ଯେଉଁଥି ପାଇଁ ରେଳପଥର କୌଣସି ସ୍ଥାନରେ ଫାଟକ ନାହିଁ। ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ଦେଇ ଅତିକ୍ରମ କରିଥିବା ଏହି ରେଳପଥ ପିପିପି ମୋଡ଼ରେ ପ୍ରଥମ କରି ତିଆରି କରାଯାଇଛି। ରେଳ ବିକାଶ ନିଗମ ଲିମିଟେଡ୍, ଓଡ଼ିଶା ସରକାର, ଓଏମ୍‌ସିଏଲ, ପିପିଟି, ସେଲ, ଓଆଇଆଇଡିସି, ଏସ୍‌ଏଲ୍ ମାଇନିଂ, ରୁଙ୍ଗଟା ମାଇନିଂ, ଏମ୍‌ଏସ୍‌ପିଏଲ୍ ଓ ଜେଏସ୍‌ପିଏଲ୍ ଆଦି କମ୍ପାନୀ ଏଥିରେ ରହିଛନ୍ତି। ରେଳପଥର ବିକାଶ ମଧ୍ୟ ସମ୍ପୃକ୍ତ କମ୍ପାନୀମାନେ କରିବେ ବୋଲି ସ୍ଥିର ହୋଇଛି। ଏହି ରେଳପଥରେ ୧୧ ଷ୍ଟେଶନ ନିର୍ମାଣ କରାଯାଇଛି। ସେଥିରୁ ଯାଜପୁର ଜିଲାରେ ୪ ଯଥା-ହରିଦାସପୁର, ଚଣ୍ଡିଖୋଲ, ରତ୍ନଗିରି ଓ ଲଳିତଗିରି ରହିଛି। ସେହିଭଳି କେନ୍ଦ୍ରାପଡ଼ା ଜିଲାରେ ବାଜିପଡ଼ା, କେନ୍ଦ୍ରାପଡ଼ା, ମାର୍ଶାଘାଇ ରୋଡ଼, କଳାଘର ଓ ନୂଆଗାଁ ଷ୍ଟେଶନ ଥିଲା ବେଳେ ଜଗତ୍‌ସିଂହପୁର ଜିଲାର ସିଜୁ ଓ ପାରାଦୀପ ଷ୍ଟେଶନ ରହିଛି। ଏହାକୁ ଜୁଲାଇରେ ନିର୍ମାଣ ସରିବା ପରେ ପୂର୍ବତଟ ରେଳପଥକୁ ହସ୍ତାନ୍ତର କରାଯାଇଛି। ବର୍ତ୍ତମାନ ଏହି ରେଳପଥରେ ଲୁହାପଥର, କୋଇଲା ସମେତ ପେଟ୍ରୋଲିୟମ ପଦାର୍ଥ ପରିବହନ କରାଯାଉଛି। ଖଣି ଅଞ୍ଚଳରୁ ପାରାଦୀପ ବନ୍ଦରକୁ ଯାତ୍ରା କମ୍ ସମୟ ଲାଗୁଛି। ତେବେ କେନ୍ଦ୍ରାପଡ଼ା ଜିଲାକୁ ପୂର୍ବରୁ ରେଳପଥ ନ ଥିଲା ବେଳେ ଏହା ପ୍ରଥମ ରେଳପଥ ଯିଏକି କେନ୍ଦ୍ରାପଡ଼ା ଜିଲାଦେଇ ଅତିକ୍ରମ କରିଛି। ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ରତ୍ନଗିରି, ଲଳିତଗିରିକୁ ଏହି ରେଳପଥ ସଂଯୋଗ ହୋଇଥିବାରୁ ଏଠାକୁ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ଆସିବେ ବୋଲି ଆଶା କରାଯାଇଛି। ସେହିଭଳି ଜାତୀୟ ଉଦ୍ୟାନ ଭିତରକନିକାକୁ ବିଦେଶୀ ପର୍ଯ୍ୟଟକମାନେ ଆସିବା ପାଇଁ ଏହି ରେଳପଥ ସହାୟକ ହେବ। କିନ୍ତୁ କେବେ ଏହି ପଥ ଦେଇ ପାସେଞ୍ଜର ଟ୍ରେନ୍ ଚାଲିବ ତାକୁ ନେଇ ଅସ୍ପଷ୍ଟ ରହିଥିଲା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଶୀଘ୍ର ପାସେଞ୍ଜର ଟ୍ରେନ୍ ଚଳାଇବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ବତଟ ରେଳପଥର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ କହିଛନ୍ତି, କେନ୍ଦ୍ର ସରକାର ଏହି ରେଳପଥରେ ପାସେଞ୍ଜର ଟ୍ରେନ୍ ଚଳାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଭିତ୍ତିଭୂମି ଓ ଷ୍ଟେଶନଗୁଡ଼ିକର ଉନ୍ନତୀକରଣ ପାଇଁ ଶହେ କୋଟି ଟଙ୍କା ବଜେଟରେ ଦିଆଯାଇଛି। କାମ ଶେଷ ହେଲେ ଏହା ଉଦ୍‌ଘାଟନ କରାଯିବ ଓ ପାସେଞ୍ଜର ଟ୍ରେନ୍ ଚାଲିବ।



ହରିଦାସପୁର-ପାରାଦୀପ ରେଳପଥ।

## ବିଶ୍ୱ ମାତୃଭାଷା ଦିବସ ସମାରୋହ

କଳିଙ୍ଗନଗର, ୨୧।୨(ଡି.ଏନ୍.ଏ.): ଅଗ୍ରଣୀ ସାମାଜିକ ସଙ୍ଗଠନ ଶହୀଦ୍ ଭଗତ ସିଂ ଯୁବକ ସଂଘ ଆନୁକୂଲ୍ୟରେ ବ୍ୟାସନଗରରେ ରବିବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭାଷା ଦିବସ ପାଳନ ସମାରୋହରେ ବହୁ ଭାଷାବିତ୍, ଭାଷାପ୍ରେମୀ, କବି, ସାହିତ୍ୟିକ, ଖବରଦାତାମାନେ ଯୋଗ ଦେଇଥିଲେ। ଆମ ରାଜ୍ୟର ମାତୃଭାଷାକୁ ଅଧିକ ବିସ୍ତାର ଏବଂ କ୍ରିୟାଶୀଳ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଥିବା ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଥିଲେ। ଭାଷା ସାହିତ୍ୟର ସୁରକ୍ଷା ନିମନ୍ତେ ସମସ୍ତ ସଦସ୍ୟ ସଙ୍କଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ କବି ରବିନାରାୟଣ ନାୟକ, ପଣ୍ଡିତ ସୁବାସ ଚନ୍ଦ୍ର ପଣ୍ଡା, ସମୀର ରାୟ, ଚନ୍ଦ୍ରମଣି ସାମଲ, ବ୍ୟଙ୍ଗକବି ବାଇଧର ମାଝୀ, ସନାତନ ମଲ୍ଲିକ, ଭୁବନମୋହନ ମହାନ୍ତି, ଭଗତ ସିଂ ଯୁବକ ସଂଘ ପକ୍ଷରୁ ମହେଶ୍ୱର ନାୟକ, ହେମନ୍ତ ଧୀର, ଜ୍ଞାନରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ।



ଧାରଣାରତ ବିଜିଆର ଛଟେଇ କର୍ମଚାରୀଙ୍କ ସହ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ ଆଲୋଚନା କରୁଛନ୍ତି।

# ବିଜିଆର ଛଟେଇ କର୍ମଚାରୀଙ୍କ ଧାରଣା ପ୍ରତ୍ୟାହାର

**ପର୍ଯ୍ୟାୟ କ୍ରମେ ପୁନଃ ନିଯୁକ୍ତି ପାଇବେ**

କାଳିଆପାଣି, ୨୧।୨(ଡି.ଏନ୍.ଏ.)

ଓଡ଼ିଶା ଖଣି ନିଗମର ବିଜିଆର ପ୍ରାଇଭେଟ୍ ଲିମିଟେଡ କମ୍ପାନୀରୁ ଛଟେଇ ହୋଇଥିବା ୧୨୬ କର୍ମଚାରୀଙ୍କ ଧାରଣା ୫୦ ଦିନ ପରେ ରବିବାର ପ୍ରତ୍ୟାହାର ହୋଇଛି। ଏକ ବୈଠକରେ ଉଭୟ ପକ୍ଷଙ୍କ ସହମତି ଅନୁଯାୟୀ ପର୍ଯ୍ୟାୟକ୍ରମେ ପୁନଃ ନିଯୁକ୍ତି ଦେବାକୁ କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା। ଏହାପରେ କର୍ମଚାରୀମାନେ ଧାରଣାରୁ ଉଠିଥିଲେ। ସୂଚନା ଅନୁଯାୟୀ ରବିବାର ଧାରଣା ସ୍ଥଳକୁ ଶ୍ରମିକ ସଂଘ ଉପଦେଷ୍ଟା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ପହଞ୍ଚି କର୍ମଚାରୀମାନଙ୍କ ସାମ୍ନାରେ ବିଜିଆର ପ୍ରତିନିଧି ଯାକୁବ ରେଡ୍ଡୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪୦ ଜଣଙ୍କୁ ବିଭିନ୍ନ ବିଭାଗରେ ପୁନଃ ନିଯୁକ୍ତି ଦେଇ ମାର୍ଚ୍ଚରେ କାର୍ଯ୍ୟ କରିବାକୁ କମ୍ପାନୀ ସହମତି ପ୍ରକାଶ କରିଛି। ବୈଠକରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର, ସହସମ୍ପାଦକ ଭରତ ମହାନ୍ତ, ଉପଦେଷ୍ଟା ସୁକିନ୍ଦା ବ୍ଲକ ପୂର୍ବତନ ଅଧକ୍ଷା ଭଗବତି ମହାନ୍ତ, ଉପସଭାପତି ପ୍ରଭାତ ପ୍ରଧାନ, ରାଁସୋଳ ସରପଞ୍ଚ ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ମା' ଭଳି ମାତୃଭାଷା ଗୁରୁତ୍ୱପୂର୍ଣ୍ଣ

ଯାଜପୁର ଟାଉନ,୨୧।୨ (ଡି.ଏନ୍.ଏ.)

ମାତୃଭାଷାର ଉନ୍ନତି ହିଁ କୌଣସି ଜାତି ପାଇଁ ଏକ ବିଶେଷ ଅବଦାନ ଓ ଗୁରୁତ୍ୱ ବହନ କରିଥାଏ। କାରଣ ପୃଥିବୀ ପୃଷ୍ଠରୁ ଅନେକ ଭାଷା ବ୍ୟବହାର ଓ ସୁରକ୍ଷା ଅଭାବରୁ ଉଭେଇ ଗଲାଣି। ତେଣୁ ନିଜ ମାତୃଭାଷାର ସୁରକ୍ଷା ଓ ବ୍ୟାପକ ବ୍ୟବହାର ପାଇଁ ପ୍ରତ୍ୟେକେ ଉଦ୍ୟମ କରିବାକୁ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଫେବୃୟାରୀ ୨୧ ବିଶ୍ୱ ମାତୃଭାଷା ଦିବସକୁ ଯାଜପୁର ଜିଲା ପ୍ରଶାସନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୈଷ୍ଣବ ଦତ୍ତ ଉଚ୍ଚବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ ରମାକାନ୍ତ ସାହୁ ମା' ଓ ମାତୃଭୂମି ଭଳି ମାତୃଭାଷା ମଧ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆମ ମାତୃଭାଷା ଓଡ଼ିଆର ବ୍ୟାପକ ବ୍ୟବହାର ପାଇଁ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମହାନ୍ତି, ଶିକ୍ଷକ ସୁବାସ ଚନ୍ଦ୍ର ଜେନା ଓ ମାଳତୀ ପତି ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ତଥା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ଅଧକ୍ଷତା କରିଥିଲେ। ବିଦ୍ୟାଳୟର ବିଦ୍ୟାର୍ଥୀ ରତୁପର୍ଣ୍ଣା ସାମଲ, ଜ୍ୟୋତିଶଙ୍କର ପାଢ଼ୀ, ସବ୍ୟସାଚୀ ବେହେରା, ଶୁଭ୍ରାସିନୀ ଜେନା ମାତୃଭାଷା ଦିବସ ପାଳନ ସମ୍ପର୍କରେ ମତ ରଖିଥିଲେ।

# ତୃଣମୂଳସ୍ତରରୁ ସଂଗଠନକୁ ମଜଭୁତ କରାଯିବ: ଚିରଞ୍ଜୀବ



ସାଙ୍ଗଠନିକ ସଭାରେ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଓ ଅନ୍ୟମାନେ।

ଯାଜପୁର ଟାଉନ୍, ୨୧।୨(ଡି.ଏନ.ଏ.)

ପ୍ରଦେଶ କଂଗ୍ରେସ କମିଟି (ପିସିସି) କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଯାଜପୁର ଗସ୍ତରେ ଆସି ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ କର୍ମୀମାନଙ୍କ ସହିତ ସାଙ୍ଗଠନିକ ଆଲୋଚନା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତା ଓ ଦୁର୍ନୀତି ସମେତ ପେଟ୍ରୋଲ ଓ ଡିଜେଲର ଅହେତୁକ ମୂଲ୍ୟ ବୃଦ୍ଧି ବିରୋଧରେ ଜନମତ ଜାଗ୍ରତ କରିବା ପାଇଁ ସେ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ତୁରନ୍ତ ପଞ୍ଚାୟତ ସ୍ତରରେ କମିଟି ଗଠନ କରାଯାଇ ତୃଣମୂଳସ୍ତରରୁ କଂଗ୍ରେସକୁ ମଜଭୁତ୍ କରିବାକୁ ସେ କହିଥିଲେ। ଏହି ସାଂଗଠନିକ ଆଲୋଚନାରେ ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ବିଷ୍ଣୁ ଚରଣ ରାଉତ, ସତ୍ୟସ୍ମିତ ମହାନ୍ତି, ସନ୍ତୋଷ କୁମାର ନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ନୀଳାଚଳ ଇସ୍ପାତରେ ଅଗ୍ନିକାଣ୍ଡ

କଳିଙ୍ଗନଗର, ୨୧।୨(ଡି.ଏନ୍.ଏ.): କଳିଙ୍ଗନଗରସ୍ଥିତ ନୀଳାଚଳ ଇସ୍ପାତ କାରଖାନା ପରିସର ବୁଦୁବୁଦିଆ ଜଙ୍ଗଲରେ ନିଆଁ ଲାଗିଥିଲା। ୫ ଘଣ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ନିଆଁ ଲିଭାଇବାରେ କାରଖାନାର ଦମକଳ ବାହିନୀ, ଦାନଗଦି ଦମକଳ ବାହିନୀ ଏବଂ ଟାଟା ଦମକଳ ବାହିନୀ ନିୟୋଜିତ ହୋଇଥିଲେ। ଅଗ୍ନିକାଣ୍ଡରେ କୌଣସି କ୍ଷୟକ୍ଷତି ଘଟିନାହିଁ। ଅପରାହ୍ନ ୧ଟାରେ ନିଆଁ ଲାଗିବା ନେଇ କାରଖାନା ସୁରକ୍ଷା କର୍ମଚାରୀମାନେ ଦେଖିଥିଲେ। କିଛି ଦୂରରେ ପ୍ରାୟ ୨ଶହ କୋଟି ଟଙ୍କାର କୋକ୍ ଗଚ୍ଛିତ ଥିବାରୁ ତାହାର ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ।

## ଟିପ୍ପର-ଟ୍ରେଲର ଧକ୍କା, ଚାଳକ ଗୁରୁତର



ଦୁର୍ଘଟଣାଗ୍ରସ୍ତ ଟିପ୍ପର- ଟ୍ରେଲର।

ଜେନାପୁର,୨୧।୨(ଡି.ଏନ୍.ଏ.): ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ଦୁବୁରୀ ୫୩ ନଂ. ଜାତୀୟ ରାଜପଥର ତାରିଣୀଛକ ନିକଟରେ ରବିବାର ସନ୍ଧ୍ୟା ସାଢ଼େ ୫ଟାରେ ଟିପ୍ପର ଓ ଟ୍ରେଲର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ିର ଚାଳକ ଗୁରୁତର ଆହତ ହୋଇଛନ୍ତି। ଦୁବୁରୀରୁ ଚଣ୍ଡିଖୋଲ ଅଭିମୁଖେ ଏକ ଚିପ୍ସ ବୋଝେଇ ଟିପ୍ପର (ଓଆର୍୧୪ଆର୍୬୦୧୫) ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେଲର (ଓଡି୦୨ବିଏନ୍ ୩୨୯୭) ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ଗାଡ଼ିରୁ ଉଭୟ ଚାଳକଙ୍କୁ ବାହାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଇଥିଲେ। ଗାଡ଼ି ୨ଟିକୁ ଜବତ କରାଯିବା ସହ ତଦନ୍ତ କରାଯାଉଥିବା ଥାନାଧିକାରୀ ଆଶିଷ କୁମାର ସାହୁ କହିଛନ୍ତି।

## 'ପୁଣି ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି'

ରସୁଲପୁର,୨୧।୨(ଡି.ଏନ୍.ଏ.)

ରସୁଲପୁର ବ୍ଲକର ୪ ପ୍ରଧାନମନ୍ତ୍ରୀ ସଡ଼କ ମରାମତି କାମରେ ଅନିୟମିତତା ହୋଇଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବରକୁ ସ୍ଥାନୀୟ ସାମାଜିକ କର୍ମୀ ରମେୟା ରଞ୍ଜନ ସ୍ୱାଇଁ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଟୁଇଟ୍ ଯୋଗେ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଥିଲେ। ତାଙ୍କ ଟୁଇଟ୍ ଉପରେ ନିର୍ବାହୀ ଯନ୍ତ୍ରୀ ଜାରକା ଡିଭିଜନ-୨ ବିଭାଗ ପକ୍ଷରୁ କୁହାଯାଇଛି ଯେ, ମଠସାହି-ଟିକରପଡା ରାସ୍ତା ମରାମତି କାମ ହୋଇଛି। ଏହି ରାସ୍ତାରେ ଗୋଟିଏ କୋଟ୍ ପିଚୁ ପକାଯାଇଛି। କେତେକ ପ୍ୟାଚ୍‌ରେ ଗାଡ଼ି ଚଳାଚଳ ଯୋଗୁ ପିଚୁ ଉଠିଯାଇଛି। ପୁଣିଥରେ ମରାମତି ପାଇଁ ବିଭାଗ ପକ୍ଷରୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡା ବନ୍ଧଡ଼ିହ-ଜୟିସୁଙ୍ଗୁଡା ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ ବୋଲି କୁହାଯାଇଛି।

# ମନମୋହିଲା କେନ୍ଦରା ସ୍ୱରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗାଥା

ରସୁଲପୁର,୨୧।୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ମାଣତୀରରେ ହରିହାଟ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦରା ସ୍ୱରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗାଥା ପରିବେଷିତ ହୋଇଥିଲା। ରଥଯାତ୍ରାର ସ୍ନାନ ଉତ୍ସବ ଭଳି ପରିବେଶ ସୃଷ୍ଟି ହୋଇଥିଲା। ଗାଁର ଆରାଧ୍ୟ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ମନ୍ଦିର ବାହାରକୁ ବାହାରିଥିଲେ। ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ଗ୍ରାମଦେବତୀଙ୍କ ପୀଠକୁ ନିଆଯାଇ ଚାହାଣି ମଣ୍ଡପରେ ବିଜେ କରାଯାଇଥିଲା। ଠାକୁରଙ୍କ ପହଣ୍ଡି ସମୟରେ ଗାଁଦାଣ୍ଡ ଭଜନ, ସଂକୀର୍ତ୍ତନ, ବାଜା, ବାଣ, ଶଙ୍ଖ, ଘଣ୍ଟ ଶବ୍ଦରେ ପୂରି ଉଠିଥିଲା। ଗୀତା, ବେଦ ଆଦି ପାଠ କରାଯିବା ସହ ଅହୋରାତ୍ର ସଂକୀର୍ତ୍ତନ କରାଯାଇଥିଲା। ୩ଦିନ ବ୍ୟାପୀ ଏହି ହରିହାଟ ଉତ୍ସବରେ ଭକ୍ତମାନଙ୍କ ପାଇଁ ପ୍ରସାଦ ବ୍ୟବସ୍ଥାଠାରୁ ଆରମ୍ଭ କରି ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଚାହାଣି ମଣ୍ଡପକୁ ନିଆଯାଉଛି।

## ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ



ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଅବସରରେ ପୂଜାର୍ଚ୍ଚନା।

କାଳିଆପାଣି, ୨୧।୨(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ରାଁସୋଳ ପଞ୍ଚାୟତ ଅନ୍ତର୍ଗତ କାଟେପୁର୍ତ୍ତିନଗରେ ଗାୟତ୍ରୀ ବିହାରଠାରେ ୩ ଦିନିଆ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁଗନିର୍ମାଣ ସଂଗଠନ ପ୍ରଜ୍ଞାପୀଠ ଗାୟତ୍ରୀ ବିହାର ଆନୁକୂଲ୍ୟରେ ଏହି ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଥିଲା। ଶୁକ୍ରବାର ଶତାଧିକ ମହିଳା ଡମଶାଳ ନଦୀକୂଳରେ ପୂଜାର୍ଚ୍ଚନା କରି କଳସ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଆସିଥିଲେ। ସେଠାରେ ଦେବସ୍ଥାପନା କରିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ଅପରାହ୍ନ ୨ଟାରେ ପୂର୍ଣ୍ଣାହୁତି, ପ୍ରସାଦ ସେବନ ଓ ସଂଗୋଷ୍ଠୀ ବିଦାୟ କାର୍ଯ୍ୟକ୍ରମ ହୋଇଥିବା ଗାୟତ୍ରୀ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# କଟକ ବିସିଜେଡି, ବିୱାଇଜେଡି ବିଜୟୀ

**ବିଜୁ ପ୍ରିମିୟର ଲିଗ୍ କ୍ରିକେଟ**

ଧର୍ମଶାଳା, ୨୧।୨ (ଡି.ଏନ.ଏ.)

ଧର୍ମଶାଳା କ୍ଲବ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସରେ ଅନୁଷ୍ଠିତ ୨ ଗୋଟି ମ୍ୟାଚ୍‌ରେ କଟକ ବିସିଜେଡି ଓ ବିୱାଇଜେଡି ବିଜୟୀ ହୋଇଛନ୍ତି। ଢେଙ୍କାନାଳ ବିସିଜେଡି ପ୍ରଥମେ ବ୍ୟାଟିଂ କରି ୧୧ ଓଭରରେ ୭ଉଇକେଟ ହରାଇ ୯୧ରନ କରିଥିଲା। ଦଳ ପକ୍ଷରୁ ମହମ୍ମଦ ସୁଲେମାନ ୩୪ ରନ ଓ ଚନ୍ଦ୍ର ଶେଖର ବାରିକ ୧୯ ରନ କରିଥିଲେ। ବିପକ୍ଷ ଦଳର ଈଶ୍ୱର ଓ ରଜାକ ଅଲୀ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କଟକ ବିସିଜେଡି ୮.୪ ଓଭରରେ ୪ ଉଇକେଟ ହରାଇ ୯୩ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସେକ୍ ସଲିମ ୪୮ ରନ ଓ ସର୍ଫରାଜ ୨୭ରନ କରିଥିଲେ। ବିପକ୍ଷ ଦଳର ମାନସ ୨ଟି ଓ ମୁସ୍ତାକ ଅଲୀ ଗୋଟିଏ ଉଇକେଟ ନେଇଥିଲେ। ବିଜୟୀ ଦଳର ସେକ ସଲିମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ଯାଜପୁର ବିୱାଇଜେଡି ବ୍ୟାଟିଂ କରି ୧୨.୫ ଓଭରରେ ସମସ୍ତ ଉଇକେଟ ହରାଇ ୫୮ରନ କରିଥିଲା। ଦଳ ପକ୍ଷରୁ ରଶ୍ମିରଞ୍ଜନ ରାୟ ଓ ବିଶ୍ୱଜିତ ଚକ୍ରବର୍ତ୍ତୀ ୧୮ରନ ଲେଖାଏ କରିଥିଲେ। ବିପକ୍ଷ ଦଳର ଜିତୁ ଗୋଛାୟତ ୩ଟି ଓ କୃଷ୍ଣ କାୟସ୍ଥ ୨ ଉଇକେଟ ନେଇଥିଲେ। ଜବାବରେ କଟକ ବିୱାଇଜେଡି ବ୍ୟାଟିଂ କରି ୪.୩ ଓଭରରେ ୩ ଉଇକେଟ ହରାଇ ୬୨ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜିତୁ ଗୋଛାୟତ ୧୯ରନ ଓ ବାପୁନି ମଳିକ ୧୮ ରନ କରିଥିଲେ। ବିପକ୍ଷ ଦଳର ଇମ୍ରାନ ଖାଁ ୨ଟି ଓ ମୁସ୍ତାକ ଅଲ୍ଲି ଗୋଟିଏ ଉଇକେଟ ନେଇଥିଲେ। ବିଜୟୀ ଦଳର ଜିତୁ ଗୋଛାୟତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ରବିବାର ଖେଳକୁ ଉତ୍ତମ ସାମଲ, ଅବିନାଶ ସାମଲ ଓ ଦିଲକ ଜେନା ପରିଚାଳନା କରିଥିଲେ। ସୋମବାର ପ୍ରଥମ ସେମିଫାଇନାଲ ମ୍ୟାଚ କଟକ ସିଟି ବିସିଜେଡି ସହିତ କେନ୍ଦ୍ରାପଡ଼ା ବିସିଜେଡି ଓ ଦ୍ୱିତୀୟ ମ୍ୟାଚ କଟକ ସିଟି ବିୱାଇଜେଡି ସହିତ ଜଗତ୍‌ସିଂହପୁର ବିୱାଇଜେଡି ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

